# Akashvani, Sambalpur

# SAMBALPURI NEWS BULLETIN

## 15 March 2024- 6.47- 6.52 am.

***********************************************

ନୂଆଁ ନିର୍ବାଚନ କମିଶନର          ଆର୍‌ଏନ୍‌ୟୁ /  ସମ୍ବଲପୁର

ନୂଆଁ ନିର୍ବାଚନ କମିଶନର  ଭାବେ ଆଘର୍ ଦୁଇ ଝନ୍ ସର୍ବଭାରତୀୟ ପ୍ରଶାସନିକ ଅଧିକାରୀ ଜ୍ଞାନେଶ୍ କୁମାର ଆଉ ସୁଖବୀର ସିଂ ସାନ୍ଧୁଙ୍କୁ ନିଯୁକ୍ତି ଦିଆଯାଇଛେ । ଜ୍ଞାନେଶ କୁମାର ୧୯୮୮ ବେଚ୍‌ର କେରଳ କେଡରର୍ ଆଇଏଏସ୍ ହେଇଥିବାର୍ ବେଲେ ସେ ଆଘୋନୁ ସମବାୟ ସଂସଦୀୟ ବ୍ୟପାର ସଚିବ ଥିଲେ । ସେନ୍‌ତା ୧୯୮୮ ବେଚ୍ ଉତରାଖଣ୍ଡ କେଡ଼ରର ଆଇଏଏସ୍ ଅଧିକାରୀ ସୁଖବୀର ସିଂ ସାନ୍ଧୁ ଉତରାଖଣ୍ଡର ମୁଖ୍ୟ ଶାସନ ସଚିବ ଆଉ ଜାତୀୟ ରାଜପଥ  ପ୍ରାଧିକରଣ ଅଧକ୍ଷ ଥିଲେ ।

ଇନ ଜନେଇ ଦିଆଇଯାଇ ପାରେ ଯେ, ଆଘର ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେ ଗଲା ଫେବୃୟାରୀ ୧୪ ତାରିଖ୍ ଦିନ ଅବସର  ନେଇଥିବାର୍ ବେଲେ ଅରୁଣ ଗୋୟଲ ଗଲା ୯ ତାରିଖ୍ ଦିନ ଇସ୍ତଫା ଦେବାର୍‌ନୁ ଇ ଦୁହି ପଦ୍ ଖାଲି ପଡ଼ିଥିଲା ।

-ଇଲୋକ୍ଟରାଲ ବଣ୍ଡ୍ର ତଥ୍ୟ

ନିର୍ବାଚନ ଆୟୋଗ ଇଲେକ୍ଟୋରାଲ ବଣ୍ଡ୍ର ତଥ୍ୟ ତାଙ୍କର୍ ୱେବ୍ ସାଇଟ୍ରେ ଅପ୍ଲୋଡ୍ କରିଛନ୍ । ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶ୍ ଅନ୍ସାରେ ଭାରତୀୟ ଷ୍ଟେଟ୍ ବେଙ୍କ୍  ଗଲା ୧୨ ତାରିଖ ଦିନ ନିର୍ବାଚନ ଆୟୋଗଙ୍କୁ ଇଲେକ୍ଟୋରାଲ୍ ବଣ୍ଡ୍ ବାବ୍ଦେ ତଥ୍ୟ ଦେଇଥିଲା ।

ପେଟ୍ରୋଲ୍ ଆଉ ଡିଜେଲ୍ ଦର୍ କମ୍ଲା

ଆର୍ଏନ୍ୟୁ /  ସମ୍ବଲପୁର

କେନ୍ଦ୍ର ସରକାର ପେଟ୍ରୋଲ୍ ଆଉ ଡିଜେଲ୍ ଲିଟର ପିଛା ୨ ଟଙ୍କା କମେଇଛନ୍ । ସୋସିଏଲ୍ ମିଡିଆ ପ୍ଲାଟଫର୍ମ ଏକ୍ସ୍ରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହର୍ଦୀପ ସିଂ ପୁରୀ ଇ ସୂଚନା ଦେଇଛନ୍ । ଆଏଜ୍ ସଖାଲ୍ର ୬ ବଜେନୁ ଇ ନୂଆଁ ଦର୍ ଲାଗୁ ହେଇଛେ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ          ଆର୍ଏନ୍ୟୁ / ସମ୍ବଲପୁର

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ  ଗଲା କାଏଲ୍ ନୂଆଁଦିଲ୍ଲୀ କୌଶଳ ଭବନ ନୁ ଆଭାସୀ ଜରିଏ  ଦକ୍ଷତା ବିକାଶ ଆଉ ଉଦ୍ୟମିତା ମନ୍ତ୍ରଣାଳୟର ସ୍କିଲ ପରିସଂସ୍ଥାନକେ ମଜବୁତ୍ କର୍‌ବାର୍ ସହେତେ ଗତି ଦେବାର୍ ଲାଗି ଭିନ୍ ଭିନ୍  ପଦକ୍ଷେପର ଶୁଭାରମ୍ଭ କରିଛନ୍ । ଇ ବୁଝାମଣା ପତ୍ର ଆଉ ଲୋକାର୍ପିତ ପଦକ୍ଷେପ ମାନ୍ ସ୍କିଲ୍‌ଡ ଇଣ୍ଡିଆର ମିଶନ୍‌ର ପରିସରକେ ଅଏତ୍‌କା ସମ୍ପ୍ରସାରଣ କର୍‌ବାର୍ ସହେତେ ଦେଶର୍ ବଡ଼ଭାଗୀ ଜନସଂଖ୍ୟାକେ ଦକ୍ଷତା ପରିସରକେ ଆନ୍‌ବା । ଯୁବବର୍ଗ ଆଉ କର୍ମଚାରୀମାନ୍‌କୁ ବିକଶିତ ନୂଆଁ ବିଶ୍ୱ ବ୍ୟବସ୍ଥାଥି ଆଗୁଆ ଭାବେ ଉଭା ହେବାର୍ ଲାଗି ସଠିକ୍ ଦକ୍ଷତା ଦେବା ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ ।

ନିର୍ବାଚନ ପରିଚାଳନା ବୈଠକ          ଆଇଏଣ୍ଡ ପିଆର୍

ରାଏଜେ ସାଧାରଣ ନିର୍ବାଚନ ପରିଚାଳନା ଲାଗି  ସବୁ ଜିଲ୍ଲାର ନିର୍ବାଚନ ସାମଗ୍ରୀ ନୋଡ଼ାଲ ଅଧିକାରୀ ମାନ୍‌କର୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଆଭାସୀ ଜରିଏ ହେଇଥିବା ଇ

ବୈଠକଥି ସବୁ ଜିଲ୍ଲାର ନିର୍ବାଚନ ସାମଗ୍ରୀ ନୋଡ଼ାଲ ଅଧିକାରୀମାନେ ଯୋଗ ଦେଇ କରି ନିଜର ନିଜର ଜିଲ୍ଲାର ପ୍ରସ୍ତୁତି ବାବ୍‌ଦେ ସୂଚନା ଦେଇଥିଲେ । ବୁଥ୍ ସ୍ତର  ନିର୍ବାଚନ ପରିଚାଳନା ଲାଗି ଦରକାର ପଡୁଥିବା ସାମଗ୍ରୀ ଯେନ୍‌ତା ରାଏଜର ସବୁ ବୁଥ୍ ନ ମିଳି ପାର୍‌ବା ସେ ବିଷେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍ ତିରୁମାଳା ନାୟକ ଆଉ ମିହିର ମହାନ୍ତି ସମୀକ୍ଷା କରିଥିଲେ ।

## ଗ୍ରାମ୍ୟ ସାଧନ କର୍ମୀ ଦୈନିକ ପାରିଶ୍ରମିକ ବୃଦ୍ଧି

ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଜ୍ୟ ସରକାର ଗ୍ରାମ୍ୟ ସାଧନ କର୍ମୀମାନ୍‌କର ଦୈନିକ ପାରିଶ୍ରମିକ ବଢ଼େଇଛନ୍ । ନିଷ୍ପତି ଅନ୍‌ସାରେ ସେମାନକର୍ ଦୈନିକ ପାରିଶ୍ରମିକ ବାବ୍‌ଦେ୩ ଶହ ନୁ ୪ଶହ ଟଙ୍କାକେ ବଢ଼ାଯାଇଛେ । ଇତାର୍ ଛଡ଼ା ଗ୍ରାମ୍ୟ ସାଧନ କର୍ମୀମାନ୍‌କର୍ ଯିବାର୍ ଆଏବାର୍ ଖର୍ଚ୍ଚା ବାବ୍‌ଦେ ଅଏତ୍‌କା ୧୦୦ ଟଙ୍କା ସହେତେ ମୋଟ୍ ଦୈନିକ ପାରିଶ୍ରମିକ ୫ଶହ ଟଙ୍କା ପାଏବେ । ଇଥି ୧୦ ହଜାର ଗ୍ରାମ୍ୟ ସାଧନକର୍ମୀ ଲାଭ୍ ପାଏବେ ।

ମେଟ୍ରିକ୍ ଖାତା ଦେଖା                    ଆର୍‌ଏନ୍‌ୟୁ /  ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଇ ବଛର୍‌ର ମେଟ୍ରିକ୍ ପରୀକ୍ଷା ଖାତା ଦେଖା ଆଏଜ୍‌ଠାନୁ ମୂଲ୍ ହେଉଛେ । ଗଲା ୧୩ ତାରିଖ୍ ଦିନ ମୂଲ୍ୟାୟନ କେନ୍ଦ୍ର ମାନ୍‌କୁ ଉତର ଖାତାମାନ୍‌କେ ପଠାଯାଇଛେ । ଇଥିର୍ ଲାଗି ୫୪ଟା ମୂଲ୍ୟାୟନ କେନ୍ଦ୍ର କରାଯାଇଛେ । ମୂଲ୍ୟାୟନ କେନ୍ଦ୍ର ମାନ୍‌କେ ଖାତା ଦେଖିବାର୍ ଲାଗି ନିୟୋଜିତ ହେଇଥିବା ଶିକ୍ଷକମାନେ ପୁହୁଁଚି ସାରିଛନ୍ । ୧୨ ଦିନ୍ ଭିତ୍‌ରେ ମୂଲ୍ୟାୟନ ପ୍ରକ୍ରିୟା ସର୍‌ବା ବଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ ।

ସମେଟିଭ୍ ଆସ୍‌ସ୍‌ମେଂଟ -୨ ପରୀକ୍ଷା

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର ସରକାରୀ ଆଉ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲଥି ପଢୁଥିବାର୍ ପ୍ରଥମନୁ ଅଷ୍ଟମ ଶ୍ରେଣୀ ଛାତ୍ରମାନ୍‌କର୍ ସମେଟିଭ୍ ଆସ୍‌ସ୍‌ମେଂଟ -୨ ପରୀକ୍ଷା ଆଜିନୁ ମୂଲ୍ ହେଇଛେ । ଆଏବା ୨୦ ତାରିଖ୍ ତକ୍ ଇ ପରୀକ୍ଷା ଚାଲ୍‌ବା । ପ୍ରଥମରୁ ପଂଚମ ଶ୍ରେଣୀ ପିଲାଙ୍କର ପରୀକ୍ଷା ସମୟ ଦେଢ୍ ଘଂଟା ଆଉ ଷଷ୍ଠନୁ ଅଷ୍ଟମ

ଶ୍ରେଣୀ ପିଲାଙ୍କର ପରୀକ୍ଷା ୨ ଘଂଟା ରହେବା । ଦୁଇଟା ସିଫ୍ଟଥି
ଇ ପରୀକ୍ଷା ହେଉଛେ ।

ଖେଳାଳୀମାନ୍‌କୁ ଆର୍ଥିକ ପୁରସ୍କାର

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ ତରଫୁ ଜାତୀୟ ଆଉ ଆନ୍ତର୍ଜାତୀୟ କ୍ରୀଡ଼ାଥି ପଦକ୍ ପାଇଥିବା ଖେଳାଳୀମାନ୍‌କୁ ଆର୍ଥିକ ପୁରସ୍କାର ଦିଆଯାଇ କରି ସମ୍ମାନିତ କରଯାଇଛେ । ଇଥି ୨ ଶହ ଅଣସ୍ତର ପଦକ୍ ଲାଗି କୃତି ଖେଳାଳୀମାନ୍‌କୁ ୫୬ ଲକ୍ଷ ୯୩ ହଜାର ଟଙ୍କା  ପୁରସ୍କାର ଦିଆଯାଇଛେ । ଭୁବନେଶ୍ୱର କଳିଙ୍ଗ ଷ୍ଟେଡିୟମ୍‌ର ଟେନିସ୍ ସେଂଟର ଅଡିଟୋରିୟମ୍‌ଥି ହେଇଥିବା ଗୁଟେ ଉତ୍ସବଥି ହକି ପ୍ରୋମୋସନ୍ କାଉନ୍‌ସିଲ ଅଫ୍ ଓଡ଼ିଶାର ଅଧ୍ୟକ୍ଷ ପଦ୍ମଶ୍ରୀ ଦିଲୀପ ତିର୍କୀ ଖେଳାଳୀମାନ୍‌କୁ ପୁରସ୍କାର ଦେଇଥିଲେ ।

ଲେପ୍‌ଟପ୍ ବଂଟନ

ଆର୍‌ଏନ୍‌ୟୁ / ସମ୍ବଲପୁର

ଷ୍ଟାରସ୍ ପ୍ରକଳ୍ପ  ୨୦୨୩-୨୪ ଅଧିନଥି ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଗଲା କାଏଲ୍ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ

ଲେପ୍‌ଟେପ୍ ବାଁଟିଛନ୍ । ୯ ନୁ ୧୨ ଶ୍ରେଣୀ ତକ୍ ଦୃଷ୍ଟିଶକ୍ତି ହରେଇଥିବା ୬ ଝନ୍ ଛାତ୍ରଛାତ୍ରୀଙ୍କୁ ଲେପ୍‌ଟପ୍ ଦିଆଯାଇଥିଲା ।

ବିଶ୍ୱ ଖାଉଟୀ ଅଧିକାର ଦିବସ

ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ଖାଉଟୀ ଅଧିକାର ଦିବସ । ଖାଉଟୀ ଅଧିକାର ଆଉ ଆବଶ୍ୟକତା ବାବ୍‌ଦେ ଲୁକ୍‌କୁ ସଚେତନ କରବାର୍ ଲାଗି ଇ ଫି' ବଛର୍ ମାର୍ଚ୍ଚ ୧୫ ତାରିଖ ଦିନ ଇ ଦିବସ ପାଲନ କରାଯାଉଛେ । ଆମେ ଘିନୁଥିବାର୍ ଜିନିଷ ଆଉ ସେବାର ଗୁଣବତା, ଶୁଦ୍ଧତା, ଦାମ୍ ଆଉ ମାନଦଣ୍ଡ ବାବ୍‌ଦେ ତଥ୍ୟ ହାସଲ୍ କର୍‌ବାର୍ ସମ୍‌କିରିର ଅଧିକାର ଆଏ । ବଜାର ନ ଅସାଧୁ ବ୍ୟକ୍ତିଙ୍କର ଠକେଇ ନୁ ରକ୍ଷା ପାଏବାର୍ ସହେତେ ନିଜର୍ ସୁରକ୍ଷା ଅଧିକାର ଦାବି କର୍‌ବାର୍ ଲାଗି ଇ ଦିବସ ପାଲନ ଜରିଆଥି ଲୋକ୍ ମାନ୍‌କୁ ସଚେତନ କରାଯାଉଛେ ।

ଗ୍ରୀଷ୍ମ ପ୍ରବାହ ମାର୍ଗଦର୍ଶିକା

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗ୍ରୀଷ୍ମ ପ୍ରବାହ ବଢୁଥିବାର୍‌ନୁ ଇଟାକେ ନଜର୍‌ଥି ରଖି କରି ବିଦ୍ୟାଳୟ ଗଣଶିକ୍ଷା ବିଭାଗ ତର୍‌ଫୁ ସତର୍କତା ଅବଲମ୍ବନ

କରାଯାଇଛେ । ଗଲା ୧ ତାରିଖ୍ ସବୁ ବିଦ୍ୟାଳୟ ଲାଗି ଜାରି କରଯାଇଥିବା  ଗ୍ରୀଷ୍ମକାଳୀନ ମାର୍ଗଦର୍ଶିକାକେ ଫେର୍ ଘାଏ ଦୋହରା ଯାଇଛେ । ଇ ବାବ୍‌ଦେ ବିଭାଗ ତର୍‌ଫୁ ସବୁ ନିର୍ଦ୍ଦେଶକ ଆଉ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଚିଠି ଲେଖାଯାଇ କରି ପିଲାମାନ୍‌କର ସୁରକ୍ଷା ସୁନିଶ୍ଚିତ କର୍‌ବାର୍‌କେ କୁହାଯାଇଛେ ।

କିଷାନ୍ ଗୋଷ୍ଠୀ                    ଆର୍‌ଏନ୍‌ୟୁ /  ସମ୍ବଲପୁର

ସମ୍ବଲପୁର ଠାନେ ଜଳବାୟୁ ପରିବର୍ତନ ସମସ୍ୟା ମର୍‌ଡ଼ି, ଉଚ୍ଚତାପମାତ୍ରା ଆଉ ପରିବର୍ତିତ ରୋଗ ପୋକ୍ ବାଗିର୍ ପରିଣାମ ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କର୍‌ବାର୍‌କେ କିଷାନ୍ ଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛେ । ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକ ତରଫୁ ହେଇଥିବା ଇ କାର୍ଯ୍ୟକ୍ରମଥି ଜଳବାୟୁ ପରିବର୍ତନର ମୁକାବିଲା ଲାଗି ସ୍ମାର୍ଟ କୃଷି, ଜଳବାୟୁ ସ୍ମାର୍ଟ କିସମର ଧାନ ବାବ୍‌ଦେ ଆଲୋଚନା କରାଯାଇଥିଲା ।